## ୩୧୦ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ: ଅନୁଗୋଳ ଜିଲାରୁ ଶୁକ୍ରବାର ୩୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୫ ହଜାର ୬୯୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୩ ଜଣ, ବଣ୍ଡଁରପାଳ ବ୍ଲକରୁ ୫୬, ଅନୁଗୋଳ ପୌରାଞ୍ଚଳରୁ ୩୩, ଛେଣ୍ଡିପଦା ବ୍ଲକରୁ ୪୯, ପାଲଲହଡ଼ା ବ୍ଲକରୁ ୧୪, ଅନୁଗୋଳ ବ୍ଲକରୁ ୨୭, କିଶୋରନଗର ବ୍ଲକରୁ ୪୬, ତାଳଚେର ବ୍ଲକରୁ ୪୪, ତାଳଚେର ପୌରାଞ୍ଚଳରୁ ୨୧, ଆଠମଲ୍ଲିକ ଏନ୍ଏସିରୁ ୪ ଓ ଆଠମଲ୍ଲିକ ବ୍ଲକରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୩୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ୩ରୁ ବନ୍ଦ ରହିବ ହାଇକୋର୍ଟ, ନିମ୍ନ ଅଦାଲତ

କଟକ ଅଫିସ, ୩୦।୪: କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ହାଇକୋର୍ଟ ସହ ନିମ୍ନ ଅଦାଲତରେ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ମେ' ୨୪ରୁ ଗ୍ରୀଷ୍ମକାଳୀନ ଛୁଟି ହେବ ବୋଲି ହାଇକୋର୍ଟ କ୍ୟାଲେଣ୍ଡରରେ ପୂର୍ବରୁ ଉଲ୍ଲେଖ ଥିଲା। ଏବେ ସଂକ୍ରମଣ ପାଇଁ ମେ' ୩ରୁ ଜୁନ୍ ୫ ପର୍ଯ୍ୟନ୍ତ କୋର୍ଟ ବନ୍ଦ ରହିବ । ତେବେ ଜୁନ୍ ୬ ତାରିଖ ରବିବାର ପଡୁଥିବାରୁ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ସେହିପରି ଜୁନ୍ ୧୪, ୧୫, ୧୬ ରଜ ପର୍ବ ରହୁଥିବାରୁ ଏହି ତିନିଦିନ ଅଦାଲତ ବନ୍ଦ ରହିବ। ଏହି ଗ୍ରୀଷ୍ମ ଅବକାଶ ସମୟରେ ହାଇକୋର୍ଟରେ ଭର୍ଚୁଆଲ ମୋଡରେ ଶୁଣାଣି ହେବ। ସେହିପରି ନିମ୍ନ ଅଦାଲତଗୁଡିକ ମଧ ଉପରୋକ୍ତ ଭାବେ ଛୁଟି ରହିବ।

### ୨ ଗାଁ ୭ ଦିନ ଶଟ୍‌ଡାଉନ

ବଇଣ୍ଡା,୩୦।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବିଭିନ୍ନ ପଞ୍ଚାୟତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ବଇଣ୍ଡା ଡାକ୍ତରଖାନାରେ ୪୧ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ସଂକ୍ରମଣ ରୋକିବା ପାଇଁ ହଣ୍ଡପା ପଞ୍ଚାୟତର ପ୍ରତାପପୁର ଓ ଲୁହାମୁଣ୍ଡା ପଞ୍ଚାୟତର ଡେବେରାପାଲି ଗ୍ରାମକୁ ୭ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ଲୁହାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ତିଲୋତ୍ତମା ନାୟକ ଚିଠି ନଂ. ୩୦ ତା ୩୦।୪। ୨୦୨୧ରେ ଓ ହଣ୍ଡପା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୨୩ ତା ୩୦।୪।୨୦୨୧ରେ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ୨ ପଞ୍ଚାୟତ ପକ୍ଷରୁ ଏକ ଚିଠିର ନକଲ କିଶୋରନଗର ବିଡିଓ, ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

### ଦୁଇ ଦିନ ଟିକାକରଣ ବନ୍ଦ

ଅନୁଗୋଳ ଅଫିସ,୩୦।୪
ଅନୁଗୋଳ ଜିଲାରେ ଦୁଇ ଦିନ ଟିକାଦାନ କେନ୍ଦ୍ର ବନ୍ଦ ରହିବ। ଶନିବାର ଓ ରବିବାର ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଟିକାକରଣ ବନ୍ଦ କରିବାକୁ ଜିଲ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେଣୁ ଏହି ଦୁଇଦିନରେ ଟିକାଦାନ କେନ୍ଦ୍ରକୁ ନ ଆସିବା ପାଇଁ ଲୋକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବାଇକ୍‌ରୁ ଖସି ମହିଳା ମୃତ

କଣିହାଁ,୩୦।୪(ଡି.ଏନ.ଏ.): କଣିହାଁ ବ୍ଲକ ଏନ୍‌ଟିପିସି ଥାନା ୫୩ ନଂ. ରାଜପଥର ଆମ୍ବପାଳ ନିକଟରେ ଶୁକ୍ରବାର ବାଇକ୍‌ରୁ ଖସିପଡ଼ି ରେଙ୍ଗାଳି ଥାନା ହାତିଆଦଣ୍ଡା ଗ୍ରାମର ସୁବର୍ଣ୍ଣ ବେହେରାଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡ଼ିଛି, ସୁବର୍ଣ୍ଣ ତାଙ୍କ ପୁତୁରା ସହ ବାଇକ୍ ଯୋଗେ ଝିଅ ଘରକୁ ଯାଉଥିବାବେଳେ ଖାଲରେ ବାଇକ ପଡ଼ିଯିବାରୁ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାସକରେ ୩୨ଶହ ସଂକ୍ରମିତ

ଅନୁଗୋଳ ଅଫିସ, ୩୦।୪

ଅନୁଗୋଳ ଜିଲାରେ ଗମ୍ଭୀର ସ୍ଥିତି ସୃଷ୍ଟି କଲାଣି କରୋନାର ଦ୍ୱିତୀୟ ଲହର। ବିଶେଷକରି ଏପ୍ରିଲ ମାସରେ ୩୨ଶହ ସଂକ୍ରମିତ ଚିହ୍ନଟ ହେବା ଜିଲାବାସୀଙ୍କୁ ଚକିତ କରିଥିବାବେଳେ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ କଟକଣାକୁ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ପାଳନ କରାଯାଉଥିବା କୁହାଯାଉଥିଲେ ମଧ ପଜିଟିଭ୍ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଜାରି ରହିଛି। କିଛିଦିନ ହେଲା ଦୈନିକ ସଂକ୍ରମଣ ସଂଖ୍ୟା ୩ଶହରୁ ଊର୍ଦ୍ଧ୍ୱରେ ରହୁଛି। ମେ' ମାସରେ ଏହା କେଉଁ ସ୍ତରରେ ପହଞ୍ଚିଥିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ସରକାରୀ ତଥ୍ୟ ଅନୁଯାୟୀ, ଏପ୍ରିଲ ୨୯ ତାରିଖ ସୁଦ୍ଧା ଅନୁଗୋଳ ଜିଲାରୁ ମୋଟ୍ ୨ ଲକ୍ଷ ୩୪ ହଜାର ୨୨୮ ସାମ୍ପୁଲ ସଂଗ୍ରହ କରାଯାଇଥିଲା। ସେଥିରୁ ୭୮ ହଜାର ୮୬୬ ଆର୍‌ଟି-ପିସିଆର୍, ୧ ଲକ୍ଷ ୫୪ ହଜାର ୧୭୮ ଆର୍‌ଏଟି ଓ ୧୧୮୪ ଟ୍ରୁ-ନଟ୍ ମାଧ୍ୟମରେ ପରୀକ୍ଷା କରାଯାଇ ମୋଟ୍ ୧୬ ହଜାର ୪୫ ପଜିଟିଭ୍ ଚିହ୍ନଟ କରାଯାଇଥିଲା। ସେଥିରୁ କେବଳ ଅନୁଗୋଳ ଜିଲାରୁ ୧୫ ହଜାର ୩୮୨ ଜଣ ଥିଲେ। ତେବେ ଶୁକ୍ରବାର ଜିଲାରୁ ୩୧୦ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ମୋଟ୍ ପଜିଟିଭ୍ ସଂଖ୍ୟା ୧୫ ହଜାର ୬୯୨ରେ ପହଞ୍ଚିଛି। ସେହିପରି ଜିଲାରୁ ୧୩ ହଜାର ୩୭୧ ଜଣ କରୋନାରୁ ସୁସ୍ଥ ହୋଇସାରିଥିବାବେଳେ ୨୭୦୨ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ସେହିପରି ଶୁକ୍ରବାର ଜଣେ ସଂକ୍ରମିତଙ୍କ ଜୀବନହାନି ଘଟିଥିବାରୁ ଜିଲାରେ ମୋଟ୍ ମୃତ୍ୟୁ ସଂଖ୍ୟା ୩୮ରେ ପହଞ୍ଚିଛି। ଗତ ଫେବୃୟାରୀ ଓ ମାର୍ଚ୍ଚ ମାସ ୨ ମାସରେ ଜିଲାରେ ମାତ୍ର ୨୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। କିନ୍ତୁ କେବଳ ଏପ୍ରିଲ ମାସରେ ୩୧୯୦ ଜଣ ପଜିଟିଭ୍ ବାହାରିବା ଦିନକୁ ଦିନ ଜିଲାରେ ସ୍ଥିତି କିପରି ଗମ୍ଭୀର ହେଉଛି ତାହା ଦର୍ଶାଉଛି। ତେବେ ମେ' ମାସରେ ଯଦି ସଂଖ୍ୟା ଏପରି ବଢ଼ିଚାଲେ ତା'ହେଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବା ଅସମ୍ଭବ ନୁହେଁ। ତଥାପି ଜିଲାରେ କରୋନା କଟକଣା ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଉଥିଲେ ମଧ ଅମାନିଆ ଲୋକେ ଓ ବ୍ୟବସାୟୀ ବାରମ୍ବାର ଉଲ୍ଲଂଘନ କରି ଚାଲିଛନ୍ତି। ଏହି କାରଣରୁ ପଜିଟିଭ୍ ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ଜାରି ରହିଥିବା କୁହାଯାଉଛି।


ଅନୁଗୋଳ ବଜାରରେ ପ୍ରବଳ ଗହଳି।

- ଅନୁଗୋଳ ଜିଲାରେ ଗମ୍ଭୀର ହେଉଛି ସ୍ଥିତି
- ଦୈନିକ ୩ଶହରୁ ଊର୍ଦ୍ଧ୍ୱ ହେଉଛନ୍ତି ଚିହ୍ନଟ
- କାମ କରୁନି କୋଭିଡ୍ କଟକଣା

### ନିୟମ ମାନିଲେ ସଂକ୍ରମଣ କମିବ


ଲୋକମାନଙ୍କ ପାଇଁ ପ୍ରଶାସନ ସବୁ କରୁଛି। କେବଳ ସେମାନେ ସଚେତନ ହେଲେ ସଂକ୍ରମଣ ଚେନ୍ ଭାଙ୍ଗିପାରିବ। ଅଯଥା ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ହେଲେ ଜନଜୀବନ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ଏଥିରୁ ବର୍ତ୍ତିବା ପାଇଁ ଲୋକମାନଙ୍କୁ କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରିବାକୁ ହେବ।
-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ପ୍ରଶାସନ ରୋକ୍ ଲଗାଉ


କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରୁ ମଧ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ହେଲେ ସଙ୍ଗରୋଧ ନିୟମକୁ କଡ଼ାକଡ଼ି ପାଳନ ନ କରି ସଂକ୍ରମିତମାନେ ଖୋଲାମେଲାରେ ବୁଲାବୁଲି କରୁଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ଏଥିରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ବ୍ୟବସ୍ଥା କରିବା ଆବଶ୍ୟକ।
-ରୁଦ୍ରମୋହନ ଶତପଥୀ, ଅନୁଗୋଳବାସୀ

### କଠୋର ପଦକ୍ଷେପ ନିଆଯାଉ


ଜିଲାରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଏଥିରେ ରୋକ୍ ଲଗାଇବାକୁ ହେଲେ ପ୍ରଶାସନକୁ ଅଧିକ କଠୋର ହେବାକୁ ପଡ଼ିବ। ଅମାନିଆମାନଙ୍କ ପ୍ରତି କଠୋର ଦଣ୍ଡ ବ୍ୟବସ୍ଥା କରାଗଲେ ଏହା ନିୟନ୍ତ୍ରଣକୁ ଆସିପାରିବ। କାମ ନ ଥାଇ ବଜାରରେ ବୁଲୁଥିବା ଲୋକଙ୍କ ଉପରେ ନଜର ରଖାଯାଉ।
-ସୌଭାଗ୍ୟ ପ୍ରଧାନ,ଅନୁଗୋଳ

### ସ୍ୱାବ୍ ଦେଇ ବାହାରେ ବୁଲୁଛନ୍ତି


କିଏ ସଂକ୍ରମିତ, କିଏ ନୁହେଁ ତାହା ଜାଣି ହେଉନି। ଅନେକ ଲୋକ ଟେଷ୍ଟ ପାଇଁ ସ୍ୱାବ୍ ଦେଇ ବାହାରେ ବୁଲୁଛନ୍ତି। ତେଣୁ ସଂକ୍ରମଣ ବଢ଼ି ବଢ଼ି ଚାଲିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ସଙ୍ଗରୋଧ ବ୍ୟବସ୍ଥା ଠିକ୍‌ରେ ପାଳନ ହେଉଛି କି ନାହିଁ ତାହା ତଦାରଖ କରାଗଲେ ଏପରି ସ୍ଥିତି ହୁଅନ୍ତା ନାହିଁ।
-ରଶ୍ମିରଞ୍ଜନ ପ୍ରଧାନ, ଅନୁଗୋଳ

## ଏସ୍‌ଡିପିଓଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଲୋପାମୁଦ୍ରା ସାହୁ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଜଣେ ମହିଳା ଇନ୍ସପେକ୍ଟରଙ୍କ ସହ ସ୍ୱାମୀ ଅଶ୍ୱିନୀ ଅନୈତିକ ସମ୍ପର୍କ ରଖି ତାଙ୍କୁ ବେଆଇନ ଭାବେ ବିବାହ କରିଛନ୍ତି। ବିରୋଧ କରିବାରୁ ସେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଏପରିକି ଗୁଣ୍ଡା ଲଗାଇ ତାଙ୍କୁ ମାଡ଼ ମାରିବାକୁ ଧମକ ଦେଉଛନ୍ତି। ଏନେଇ ସେ ଡିଜିପିଙ୍କଠାରୁ ଆରମ୍ଭ କରି ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ଲୋପାମୁଦ୍ରା ଶୁକ୍ରବାର ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ତାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୦୪ରେ ଅଶ୍ୱିନୀଙ୍କ ସହ ତାଙ୍କର ବିବାହ ହୋଇଥିଲା। ସ୍ୱାମୀଙ୍କ ଅନୈତିକ ସମ୍ପର୍କ ନେଇ ସେ ୨୦୧୧ରେ ଜାଣିବାକୁ ପାଇଥିଲେ। ଏହାକୁ ବିରୋଧ କରିବା ପରେ ସ୍ୱାମୀ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସେ ସ୍ୱାମୀଙ୍କ ଅନୈତିକ ସମ୍ପର୍କକୁ ନେଇ ପ୍ରମାଣ ସ୍ୱରୂପ କେତେକ ଫଟୋ ମଧ ଦେଖାଇଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ଏଯାଏ ଏସ୍‌ଡିପିଓଙ୍କ ବିରୋଧରେ ଅଫିସିଆଲି କିଛି ଅଭିଯୋଗ ଆସିନାହିଁ। ତେଣୁ ଏ ନେଇ ଏସ୍‌ଡିପିଓଙ୍କୁ ପଚାରନ୍ତୁ। ତେବେ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁଙ୍କ ମୋବାଇଲ୍ ଫୋନ୍ ନଂ.୯୪୩୭୧୦୫୪୪୫ରେ କଲ୍ ଓ ମେସେଜ୍ କରାଯାଇଥିଲେ ମଧ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଖେଳ ଶିକ୍ଷକ, ରେଞ୍ଜରଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଇଣ୍ଡା,୩୦।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ହାଇସ୍କୁଲ ଖେଳ ଶିକ୍ଷକ ଦିବାକର ପ୍ରଧାନଙ୍କୁ ଶୁକ୍ରବାର ବିଦାୟକାଳିନୀ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସାହାରାତୁନ ନିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଚିଦାନନ୍ଦ ଦେହୁରି, ଅନିଲ କୁମାର ମେହେର, ପ୍ରତିମା ଦେହୁରି, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ ତାଙ୍କ ଶିକ୍ଷକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଧଣ୍ଡାତୋପା ରେଞ୍ଜର ରାହାସ ସାହୁଙ୍କୁ ବିଦାୟକାଳିନୀ ସମ୍ବର୍ଦ୍ଧନା ଦିଆଯାଇଛି। ରେଞ୍ଜ କାର୍ଯ୍ୟାଳୟ ପରିସରରେ ଫରେଷ୍ଟର ସୁବ୍ରତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ରେଞ୍ଜର ସାହୁଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।


ଖେଳ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ଫାରୁକଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ, ୩୦।୪

କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଅନୁଗୋଳର ଯୁବ କଂଗ୍ରେସ ନେତା ଫାରୁକ୍ ଅହମ୍ମଦଙ୍କ ସ୍ମୃତିରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମକର୍ତ୍ତାମାନେ ସ୍ୱର୍ଗତ ଅହମ୍ମଦଙ୍କ ଅମରାତ୍ମାର ସଦ୍‌ଗତି କାମନା କରିବା ସହ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା, ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ଉମେଶ ସାହୁ, ଅମୂଲ୍ୟ ବେହେରା, ବିନୋଦ ମାଝି, ସୁନୀଲ ପ୍ରଧାନ, ବଲବୀର ସିଂ, ପ୍ରଶାନ୍ତ ନାୟକ, କାସିଦ ଖାନ, ରଶ୍ମିରଞ୍ଜନ ସାହୁ, ଲୁଟୁ ରଞ୍ଜନ ଥାପା, ବାପୁଜୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରଦୀପ ପ୍ରଜ୍ଜ୍ୱଳନ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଦୀନେଶ ପ୍ରଧାନ, ସୁଦୀପ୍ତ ସ୍ୱାଇଁ, ସରିତା ମିଶ୍ର, ବିଶ୍ୱରଞ୍ଜନ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ ମଧ ଉପସ୍ଥିତ ଥିଲେ।

## ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦାବି


ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୩୦।୪(ନି.ପ୍ର.)

ତାଳଚେର କୋଲ୍ ଫିଲଡ୍ସରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ପକ୍ଷରୁ ଶୁକ୍ରବାର ଜଗନ୍ନାଥ ଏରିଆର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାରଙ୍କ ଜରିଆରେ ଏକ ଦାବିପତ୍ର ସିଏମ୍‌ଡିଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, କୋଲ୍ ଫିଲଡ୍ସରେ ବିଭିନ୍ନ ଘରୋଇ କମ୍ପାନୀରେ ଡ୍ରାଇଭର, ହେଲପର, ମେକାନିକ, ସୁପରଭାଇଜର, ସିକ୍ୟୁରିଟି ଗାର୍ଡଙ୍କ ସମେତ ପ୍ରାୟ ୮/୧୦ ହଜାର ଠିକା ଶ୍ରମିକ କାମ କରୁଛନ୍ତି। କୋଇଲା ବେତନ ଚୁକ୍ତିନାମା ଅନୁସାରେ ନିୟମିତ କର୍ମଚାରୀଙ୍କୁ ୮ଟି ଛୁଟି ମିଳିଥାଏ। ସେହି ଅନୁସାରେ ଠିକା ଶ୍ରମିକମାନଙ୍କୁ କୌଣସି ଛୁଟି ଦିନରେ କାମ କଲେ ୩ ଦିନର ଦରମା ମିଳିବା କଥା, ଯାହା ମିଳୁ ନାହିଁ। ପ୍ରତିମାସରେ ସମ୍ପୃକ୍ତ ଶ୍ରମିକମାନଙ୍କୁ ୨୬ଦିନ କାମ ମିଳୁ ନାହିଁ। ବ୍ୟାଙ୍କ ମାଧ୍ୟମରେ ଦରମା ଦିଆଯାଉ ନାହିଁ। ସମସ୍ତ ଠିକାଶ୍ରମିକଙ୍କ ପିଏଫ୍ କଟୁ ନାହିଁ। ଯେଉଁ କେତେଜଣଙ୍କ ପିଏଫ୍ କଟୁଛି, ତାହା ଠିକ୍ ଭାବେ ଜମାକରାଯାଉ ନାହିଁ। ଫଳରେ ଠିକାଶ୍ରମିକମାନେ ନ୍ୟାୟୋଚିତ ଅଧିକାରରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଛନ୍ତି। ଠିକାଶ୍ରମିକମାନଙ୍କୁ କୌଣସି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ ନାହିଁ। ସେମାନଙ୍କୁ ଇଏସ୍‌ଆଇ ଅନ୍ତର୍ଭୁକ୍ତ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଅନ୍ୟ ଦାବିଗୁଡିକ ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆଇନଗତ ଆଶ୍ରୟ ନିଆଯିବ ବୋଲି ସଭାପତି ରାଜକିଶୋର ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

ଅନୁଗୋଳ ଅଫିସ,୩୦।୪

### ମୋଟ୍ ୧୨୦ ଶଯ୍ୟା ବ୍ୟବସ୍ଥା

ଅନୁଗୋଳ ଜିଲାର କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ତାଳଚେର ଠାରେ କୋଭିଡ୍-୧୯ ହସ୍ପିଟାଲ ଶୁକ୍ରବାର କାର୍ଯ୍ୟକ୍ଷମ ହୋଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସନ୍ଧ୍ୟାରେ ଏହାର ଉଦ୍‌ଘାଟନ କରିଛନ୍ତି। ଏଠାରେ ମୋଟ୍ ୧୨୦ଟି ବେଡ୍ ବ୍ୟବସ୍ଥା କରାଯାଇଛି। ଏଥିସହ ଗୁରୁତରଙ୍କୁ ଏଠାରୁ ସ୍ଥାନାନ୍ତର କରିବାକୁ ୩ଟି ଲାଇଫ ସପୋର୍ଟ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ କରାଯାଇଛି।

ଏହି କୋଭିଡ୍ ମେଡିକାଲରେ ୧୨୦ଟି ବେଡ୍ ମଧ୍ୟରୁ ୯୦ ଜେନେରାଲ, ୨୦ଟି ଏଚଡିୟୁ ଓ ୧୦ଟି ଆଇସିୟୁ ବେଡ୍ ରହିବ। ପରିଚାଳନା ପାଇଁ ଏକ ଡାକ୍ତରୀ ଟିମ୍ ଓ ପାରାମେଡିକାଲ ଷ୍ଟାଫମାନେ ପହଞ୍ଚି ସାରିଛନ୍ତି। ତେବେ ପ୍ରଥମ ଦିନରେ କୌଣସି ରୋଗୀ ଏହି ମେଡିକାଲକୁ ଆସି ନ ଥିବା ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ କୋଭିଡ୍ ହସ୍ପିଟାଲକୁ ରୋଗୀଙ୍କୁ ଆଣିବା ପାଇଁ ଜିଲାରେ ଆମ୍ବୁଲାନ୍ସ ମହଜୁଦ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ୩ଟି ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ମଧ ପ୍ରସ୍ତୁତ ରହିଛି। ସଂକ୍ରମିତମାନଙ୍କୁ ଏଠାର ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିଭଳି କୋଭିଡ୍ ହସ୍ପିଟାଲ ସହ ଜିଲାର ବିଭିନ୍ନ ମେଡିକାଲରେ ଅକ୍ସିଜେନ୍ ମହଜୁଦ୍ ରଖାଯାଇଛି। ଜିଲାପାଳ ସ୍ୱାଇଁ କହିଛନ୍ତି, କୋଭିଡ୍ ହସ୍ପିଟଲ କାର୍ଯ୍ୟକ୍ଷମ ହୋଇଛି। ରେଫର ହୋଇ ଏଠାକୁ ରୋଗୀମାନ ଆସିବା ପରେ ଚିକିତ୍ସାସେବା ଯୋଗାଇ ଦିଆଯିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଏ.କେ.ସ୍ୱର୍ଣ୍ଣକାର, ସିଏମ୍‌ଏସ୍ (ଏନ୍‌ଏସ୍‌ସିଏଚ୍) ଡାକ୍ତର ସଞ୍ଜୟ ଦାଶ, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଏପିଡି ବିଶ୍ୱମୋହନ ରଥ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ମଲ୍, ମଦ ଦୋକାନ ସିଲ୍




ସିଲ୍ ହୋଇଥିବା ମଲ୍ ଓ ମଦ ଦୋକାନ।

ଅନୁଗୋଳ ଅଫିସ,୩୦।୪

### କୋଭିଡ୍ ନିୟମ ଉଲ୍ଲଂଘନ

ଅନୁଗୋଳ ସହର କଳିଙ୍ଗ ମାର୍କେଟ ନିକଟରେ ଏକ ମଲ୍‌କୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଉଦ୍‌ଘାଟନୀ ପର୍ବରେ କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ହରିମହୁରୀ ଛକରେ ପୂର୍ବାହ୍ନରେ ଏକ ନୂତନ ମଲ ଖୋଲିଥିଲା। କୋଭିଡ୍ କଟକଣା ଯୋଗୁ ଏପରି ଉଦ୍‌ଘାଟନୀ କାର୍ଯ୍ୟ ପୂର୍ବରୁ ଅନୁମତି ଆବଶ୍ୟକ ପଡୁଛି। ୫୦ରୁ ଅଧିକ ଲୋକ ଏକତ୍ର ନ ହେବାକୁ କୁହାଯାଉଛି। କିନ୍ତୁ ମଲ୍ ଉଦ୍‌ଘାଟନୀ ବେଳେ ୨ଶହରୁ ଅଧିକ ଲୋକ ରୁଣ୍ଡ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ ମଧ କିଛି ଲୋକ କରି ନ ଥିଲେ। ଡାକବାଜି ଯନ୍ତ୍ର ପାଇଁ କୌଣସି ଅନୁମତି ନିଆଯାଇ ନ ଥିଲା। ଏସବୁ ଅଭିଯୋଗ ହେବା ପରେ ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁଙ୍କ ସହ ଅନୁଗୋଳ ଥାନା ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ପହଞ୍ଚି ଦୋକାନକୁ ସିଲ୍ କରିଥିଲେ। ୬ ଦିନ ପାଇଁ ଏହି ଦୋକାନ ସିଲ୍ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଗାନ୍ଧୀ ମାର୍ଗରେ ଥିବା ଏକ ମଦ ଦୋକାନକୁ ରାତିରେ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ମଦ ଦୋକାନ ଆଗରେ ଅସମ୍ଭାଳ ଭିଡ଼ ହୋଇଥିଲା। ଏଥିସହ ମଦ କିଣିବାକୁ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିବାରୁ ଏହାକୁ ସିଲ୍ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାର ଅନ୍ୟ ସ୍ଥାନ ଗୁଡ଼ିକରେ ମଧ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଦୋକାନ ଗୁଡ଼ିକୁ ସିଲ୍ କରାଯାଇଥିବା ପ୍ରଶାସନ ନିକଟରୁ ସୂଚନା ମିଳିଛି।

